# D.A.V PUBLIC SCHOOLS, BHUBANESWAR
## HALF YEARLY EXAMINATION, 2017-18
## CLASS - VIII
## SUB : HIGHER ODIA

**Time: 3hrs** **Maximum Marks: 100**

*ସାଧାରଣ ନିର୍ଦ୍ଦେଶାବଳୀ:-*

- *ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।*
- *ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।*
- *ଅକ୍ଷର ଗୁଡ଼ିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।*
- *ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖିବା ଆରମ୍ଭ କର ।*
- *ପ୍ରଶ୍ନପତ୍ରରେ ୪ଟି ବିଭାଗରେ ୧୩ଟି ମୁଦ୍ରିତ ପ୍ରଶ୍ନ ରହିଛି ।*

## 'କ' ବିଭାଗ

**୧. ତଳ ଲିଖିତ ଅନୁଚ୍ଛେଦଟି ପଢ଼ି ଦିଆଯାଇଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଲେଖ ।**

ଭାରତୀୟ ସାହିତ୍ୟରେ ବହୁ ପଠିତ ଓ ପ୍ରତିଷ୍ଠିତ ସଚ୍ଚିଦାନନ୍ଦ ରାଉତରାୟ ଜଣେ ସଫଳ କଥାକାର ଭାବରେ ଜନମାନସରେ ସୁବିଦିତ । ସଚ୍ଚୋଟ ଗାଳ୍ପିକ ଭାବରେ ଅନେକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ସେ ଗଳ୍ପ ରଚନା କରିଛନ୍ତି । ତାଙ୍କ ଗଳ୍ପରେ କାହାଣୀଭାଗ, ଚରିତ୍ରାୟନ ବଡ଼ କଥା ନୁହେଁ । ଗଳ୍ପକୁ ଭାବ ଜଗତରେ ଫେଣ୍ଟି ଏକ ସ୍ୱର୍ଣକାତର ଉତ୍ତୀର୍ଣ୍ଣତା ପ୍ରଦାନ କରିବାରେ ସଚ୍ଚିଦାନନ୍ଦଙ୍କ ଗଳ୍ପ କଳା ସର୍ବବିଦିତ । ପରିମାଣ ଦୃଷ୍ଟିରୁ କମ୍ ଗଳ୍ପ ରଚନା କରିଥିଲେ ହେଁ, ତାଙ୍କ ରଚିତ ପ୍ରତିଟି ଗଳ୍ପ ଏକ ମାନକ ପ୍ରତିଷ୍ଠା କରେ । ଫକୀର ମୋହନ, କାଳିନ୍ଦୀ ଚରଣଙ୍କ ସାର୍ଥକ ଉତ୍ତରଦାୟାଦ ଅଟନ୍ତି ସଚ୍ଚିଦାନନ୍ଦ । ଏହି ଉର୍ବରତା ତାଙ୍କ ରଚିତ 'ମଶାଣିର ଫୁଲ', 'ମାଟିର ତାଜ୍', 'ଛାଇ' ଆଦି ଗଳ୍ପ ସଂକଳନରେ ପରିଲକ୍ଷିତ ହୁଏ । 'ମଶାଣିର ଫୁଲ'ରେ ୫ଟି , 'ମାଟିର ତାଜ୍'ରେ ୯ଟି ଓ 'ଛାଇ' ରେ ୧୧ଟି ଗଳ୍ପ ସଂକଳିତ ହୋଇଛି । ଏସବୁ ଗଳ୍ପ ୧୯୩୪ ମସିହାରୁ ୧୯୭୩ ମସିହା ମଧ୍ୟରେ ରଚିତ ହୋଇଛି । ଏହି ସମୟ ଓ ପରବର୍ତ୍ତୀ ସମୟରେ ସଚ୍ଚିଦାନନ୍ଦଙ୍କ ଦ୍ୱାରା ରଚିତ ଅନ୍ୟ କେତୋଟି ଗଳ୍ପ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ପାଠକଙ୍କୁ ଆନନ୍ଦ ପ୍ରଦାନ କରିଛି । ସଚ୍ଚିଦାନନ୍ଦ ଛାତ୍ର ଜୀବନରୁ ଗପଲେଖା ଆରମ୍ଭ କରିଥିଲେ ।

କ) 'ମଶାଣିର ଫୁଲ' ଗଳ୍ପ ସଂକଳନଟି କିଏ ରଚନା କରିଛନ୍ତି ? (୫ ×୨=୧୦)

ଖ) ଜଣେ ସଚ୍ଚୋଟ ଗାଳ୍ପିକ ଭାବରେ ସେ କେଉଁ ପ୍ରସଙ୍ଗକୁ ନେଇ ଗଳ୍ପ ରଚନା କରନ୍ତି ?

ଗ) ସଚ୍ଚିଦାନନ୍ଦଙ୍କ ଗଳ୍ପର ବିଶେଷତ୍ୱ କ'ଣ ?

ଘ) ପାଠକ କିପରି ଆନନ୍ଦ ଲାଭ କରିଥାଏ ?

ଙ) ସଚ୍ଚିଦାନନ୍ଦ କିଭଳି ଜନମାନସରେ ପରିଚିତ ?

୨. ତଳ ଲିଖିତ ପଦ୍ୟାଂଶଟି ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଚୈତନ୍ୟ କହେ ମନ ଶୁଣ
ତୁ ଯାହା ପଚାରିଲୁ ପୁଣ ।
ଜଳଭୂତଙ୍କ କଥା କେହି
ଜାଣିବା ବ୍ରହ୍ମାଣ୍ଡରେ ନାହିଁ ।
ଅଗ୍ନିରୁ ଜଳ ଜାତ ହୋଇ
ଏହା ତ ନ ଜାଣନ୍ତି କେହି ।
ଜଳର ମହିମା ତୁ ଶୁଣ
ସେ ସର୍ବ ଘଟେ ଥାଇ ଜାଣ ।
ସ୍ୱର୍ଗ ମଞ୍ଚ ପାତାଳ ହୋଇ
ଜଳଟି ଘୋଟିଣ ଅଛଇ ।

(୫ ×୨=୧୦)

କ) ଉକ୍ତ ପଦ୍ୟାଂଶର ରଚୟିତା କିଏ ?

ଖ) କାହା କାହା ମଧ୍ୟରେ କଥୋପକଥନ ବର୍ଣ୍ଣିତ ହୋଇଛି ?

ଗ) ଜଳଭୂତ କହିଲେ କ'ଣ ବୁଝ ?

ଘ) 'ଅଗ୍ନିରୁ ଜଳ ଜାତ ହୋଇ' – କବି ଏପରି କହିଛନ୍ତି କାହିଁକି ?

ଙ) ଏଠାରେ 'ମଞ୍ଚ' ଶବ୍ଦର ଅର୍ଥ କ'ଣ ?

୩. ଯେ କୌଣସି <u>ଗୋଟିଏ</u> ବିଷୟରେ ରଚନା ଲେଖ । (୧×୧୨=୧୨)

ବନମହୋତ୍ସବ, ଦଶହରା ପର୍ବ, ପ୍ରାକୃତିକ ବିପର୍ଯ୍ୟୟ

୪. ତୁମେ ଦେଖିଥିବା ଏକ ପୁସ୍ତକ ପ୍ରଦର୍ଶନୀ ବିଷୟରେ ବର୍ଣ୍ଣନା କରି ଅଜାଙ୍କ ନିକଟକୁ ପତ୍ର ଲେଖ । (୧×୮=୮)

କିମ୍ବା

ତୁମ ଅଞ୍ଚଳରେ ବ୍ୟାପିଥିବା ସଂକ୍ରାମକ ରୋଗର ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟକୁ ଦରଖାସ୍ତ ଲେଖ ।

୫.କ) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ । (୩ ଟିର) (୩ ×୧=୩)

i) ସମୁଦାୟ ସ୍ୱରବର୍ଣ୍ଣର ସଂଖ୍ୟା କେତେ ?

ii) ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକ କେତେ ଭାଗରେ ବିଭକ୍ତ ?

iii) ଓଡିଆ ଭାଷାରେ କେଉଁ ବ୍ୟଞ୍ଜନର ବ୍ୟବହାର ସୀମିତ ?

iv) ତାଲବ୍ୟ ବର୍ଗ ଅନ୍ତର୍ଗତ ଗୋଟିଏ ବର୍ଣ୍ଣର ନାମ ଲେଖ ।

v) ଓଷ୍ଠ୍ୟ ବର୍ଗ ଅନ୍ତର୍ଗତ ଗୋଟିଏ ବର୍ଣ୍ଣର ନାମ ଲେଖ ।

ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ ମୂଳ ସଂସ୍କୃତ ଶବ୍ଦରୁ ଆସିଛି ଲେଖ । (୩ ଟିର) (୩ ×୧=୩)

ଶିଆଳ, ନିଆଁ, ଘିଅ, ଭଉଣୀ, ମାଆ

ଗ) ସମୋଚ୍ଚାରିତ ଶବ୍ଦ ଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (୩ ଯୋଡାର) (୩ ×୧=୩)

କୁଜନ-କୂଜନ, ଗୋଲକ-ଗୋଲୋକ, ସାକ୍ଷର – ସ୍ୱାକ୍ଷର, ଶିଳ-ଶୀଳ, ଦିନ-ଦୀନ

ଘ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୩ଟିର) (୩ ×୧=୩)

ଅସଲି, ଆଶୀର୍ବାଦ, ପରାଜୟ, ନିର୍ଦ୍ଦୋଷ, ଅପମାନ

୬.କ) ଲିଙ୍ଗ ପରିବର୍ତ୍ତନ କର । (୩ଟିର) (୩×୧=୩)

ଆଚାର୍ଯ୍ୟ, କ୍ଷତ୍ରିୟ, ଭାଇ, ପୁଅ, ଶୂଦ୍ର

ଖ) ରେଖାଙ୍କିତ ପଦ ଗୁଡ଼ିକ କେଉଁ ପୁରୁଷ ଲେଖ । (୩ଟିର) (୩ ×୧=୩)

i) <u>ଆମ୍ଭେମାନେ</u> ବୁଲିବାକୁ ଯିବୁ ।

ii) <u>ପିଲାମାନେ</u> ପଡ଼ିଆରେ ଖେଳୁଛନ୍ତି ।

iii) ମୋ ପ୍ରଶ୍ନର ଉତ୍ତର <u>ତୁମେ</u> ଦେଇପାରିବ କି ?

iv) <u>ସେମାନେ</u> ଆଜି କଲିକତା ଯିବେ ।

v) ସତ୍‌କାର୍ଯ୍ୟ <u>ଆପଣ</u>ଙ୍କୁ ସନ୍ତୋଷ ଦେବ ।

ଗ) ବହୁବଚନରେ ପରିଣତ କର । (୨ଟିର) (୨×୧=୨)

ମେଣ୍ଢା, ଛାତ୍ରୀ, ପତ୍ର, ଗୁରୁ

ଘ) ଦିଆଯାଇଥିବା ବିଶେଷ୍ୟ ପଦ ଗୁଡ଼ିକ ମଧ୍ୟରୁ ଭିନ୍ନ ପ୍ରକାରର ବିଶେଷ୍ୟ ପଦଟି ଚିହ୍ନଟ କରି ଲେଖ । (୫ଟିର)

i) ଭାଲେରି, ହିମାଳୟ, ଗନ୍ଧମାର୍ଦ୍ଦନ, କଟକ, ରାମଗିରି (୫×୧=୫)

ii) ଗଙ୍ଗା, ଯମୁନା, ଜାନକୀ, କାବେରୀ, ମହାନଦୀ

iii) କବିତା, ନମିତା, ସୀତା, ସବିତା, ବୃକ୍ଷଲତା

iv) ଫୁଲଫଳ, ଯିବାଆସିବା , ବାଘଭାଲୁ, ହାତୀଘୋଡା, ଆଳୁ ବାଇଗଣ

v) ରାମାୟଣ, ମହାଭାରତ, ଶିକ୍ଷକ, ଭାଗବତ, ପୁରାଣ

vi) ରକ୍ତ, ମାଟି, ପଥର, ଖେଳ, ଲୁହା

vii) ବାଲ୍ୟ, କୈଶୋର, ଯୌବନ, ଭୋଜନ, ବାର୍ଦ୍ଧକ୍ୟ

୭. ଯେ କୌଣସି ଗୋଟିଏ ସରଳାର୍ଥ ଲେଖ । (୧×୫=୫)

'ସରଳ ସୁନ୍ଦର ଜୀବନ ଏମାନଙ୍କର । କିଛି ଛନ୍ଦ କପଟ ନାହିଁ ।'

କିମ୍ବା

'ସତ୍ୟବାଦୀ ସ୍କୁଲ୍‌ରେ ରୋଗୀସେବା କରିବା ତାଲିମ୍ ପାଇଥିଲି,

ତାହା ହିଁ କାର୍ଯ୍ୟରେ ଲଗାଇଲି ।'

୮. ସଂକ୍ଷେପରେ ଉତ୍ତର ଲେଖ । (୩ ଟିର) (୩×୨=୬)

କ) ଆସାମର ନାରୀଶିକ୍ଷା ସମ୍ପର୍କରେ ଲେଖକ କ'ଣ କହିଛନ୍ତି ?

ଖ) ଆସାମରେ 'ନାମ ଘର' କିପରି ପ୍ରତିଷ୍ଠା ହୋଇଥିଲା ?

ଗ) ଲେଖକ କେଉଁଠାରୁ ରୋଗୀସେବା ଶିକ୍ଷା କରିଥିଲେ ?

ଘ) ଜିଲ୍ଲା ମାଜିଷ୍ଟ୍ରେଟ୍ ସତ୍ୟବାଦୀ ସ୍କୁଲର ଛାତ୍ରମାନଙ୍କୁ ପ୍ରତିବର୍ଷ ନିମନ୍ତ୍ରଣ କରୁଥିଲେ କାହିଁକି ?

ଙ) ଗୁରୁକୁଳ ଶିକ୍ଷା କହିଲେ ତୁମେ କ'ଣ ବୁଝୁଛ ?

୯. ଦିଆଯାଇଥିବା ଉତ୍ତର ଗୁଡ଼ିକ ମଧ୍ୟରୁ ବନ୍ଧନୀମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୪×୧=୪)

କ) 'ମୋର ଆସାମ ଭ୍ରମଣ' ପ୍ରବନ୍ଧଟି ଲେଖକଙ୍କର କେଉଁ ମୂଳ ପୁସ୍ତକରୁ ଆସିଅଛି ?
(ମୋର ସହରୀ ଜୀବନ, ମୋର ଗାଉଁଲୀ ଜୀବନ, ମୋର ବାରବୁଲା ଜୀବନ, ମୋର ନିତିଦିନିଆ ଜୀବନ)

ଖ) ଜଗନ୍ନାଥ ମୂର୍ତ୍ତି ପୂଜିତ ହେଉଥିବା ସ୍ଥାନ କେଉଁଟି ?
(ଲକ୍ଷ୍ମୀପୁର, ଜୋରହାଟ, ରାମମାଦୁଲି, ଶିବସାଗର)

ଗ) 'ଗାନ୍ଧି ମହାରାଜାଙ୍କ ଶିଷ୍ୟ' ପୁସ୍ତକଟି କିଏ ରଚନା କରିଛନ୍ତି ?
(ଉଦୟନାଥ ଷଡ଼ଙ୍ଗୀ, ଉଦୟଭାନୁ ଷଡ଼ଙ୍ଗୀ, ଉଦୟ କୁମାର ଷଡ଼ଙ୍ଗୀ, ଉଦୟ ଚନ୍ଦ୍ର ଷଡଙ୍ଗୀ)

ଘ) କେଉଁଟି ଗୁରୁଶିଷ୍ୟ ସଂପର୍କର ପରିପନ୍ଥୀ ?
(ପୁସ୍ତକ ପଠନ, ପ୍ରଶ୍ନୋତ୍ତର ଲିଖନ, ମୁଖସ୍ଥୀକରଣ, ପୁସ୍ତକ ଲିଖନ)

୧୦. ଯେ କୌଣସି ଗୋଟିଏ ବିଷୟରେ ସରଳାର୍ଥ ଲେଖ । (୧×୫=୫)

'ଧନ୍ୟ ଜୀବନ ଏହାଙ୍କର, ଜୀବିକା ହୋନ୍ତି ପ୍ରାଣୀଙ୍କର ।'

କିମ୍ବା

'ରାତ୍ରିକର ଉଜାଗରେ କିସ ପ୍ରୟୋଜନ,

ନିଦ୍ରା ବିମୋହିତ ମୋର ସମସ୍ତ ଜୀବନ ।'

୧୧.ସଂକ୍ଷେପରେ ଉତ୍ତର ଲେଖ । (୩ ଟିର) (୩×୨=୬)

କ) ଜଳ ସହିତ ବୃକ୍ଷ ଏବଂ ପକ୍ଷୀମାନଙ୍କର କି ସମ୍ବନ୍ଧ ରହିଛି ?

ଖ) ଶ୍ରୀକୃଷ୍ଣ କେଉଁ ବିଷୟରେ ବର୍ଣ୍ଣନା କରୁଥିଲେ ?

ଗ) କବିଙ୍କ ବିଚାରରେ ଅଧମ କିଏ ?

ଘ) ପିମ୍ପୁଡ଼ିଠାରୁ ଆମର କ'ଣ ଶିଖିବାର ଅଛି ?

ଙ) ସମସ୍ତ ଭୁବନ କାହିଁକି କବିଙ୍କୁ ଭୟଙ୍କର ମରୁଭୂମି ମନେ ହୋଇଛି ?

୧୨.ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୪×୧=୪)

କ) ଏମାନଙ୍କ ମଧ୍ୟରୁ କିଏ ଶ୍ରୀକୃଷ୍ଣଙ୍କର ଜଣେ ସଖା ନୁହଁନ୍ତି ?

(ଶ୍ରୀଦାମ, ଅର୍ଜୁନ, ଅଂଶୁମାନ, ସୁବଳ)

ଖ) ପଠିତ କବିତାରେ ବର୍ଣ୍ଣିତ 'ବୁଡ଼ା' ଶବ୍ଦର ଅର୍ଥ କ'ଣ ?

(ବୁଡ଼ା ଜାହାଜ, ପାଣିରେ ବୁଡ଼ି ରହିଥିବା ଜୀବ, ପାଣିରେ ବୁଡ଼ିଯିବା, ପାଣିରେ ବୁଡ଼ାଇ ଦେବା)

ଗ) 'ଉଦ୍‌ବୋଧନ' କବିତାଟି କବିଙ୍କର କେଉଁ ପୁସ୍ତକରୁ ଆସିଅଛି ?

(ତପସ୍ୱିନୀ, ଉତ୍କଳଲକ୍ଷ୍ମୀ, ଅର୍ଘ୍ୟଥାଳୀ, ଭାରତୀଭାବନା)

ଘ) ଶିବରାତ୍ରି ଧର୍ମ ପାଇବାକୁ ହେଲେ ଆମକୁ କ'ଣ କରିବାକୁ ପଡ଼ିବ ବୋଲି କବି କହିଛନ୍ତି ?

(ଭଗବାନଙ୍କର ପ୍ରିୟ କାର୍ଯ୍ୟ କରିବାକୁ ପଡିବ, ସାରା ରାତି ଉଜାଗର ରହିବାକୁ ପଡ଼ିବ, ସାରାଦିନ ଉପବାସ ରହିବାକୁ ପଡ଼ିବ, ଭଗବାନଙ୍କୁ ସନ୍ତୁଷ୍ଟ କରିବାକୁ ପଡିବ )

୧୩. ଗୋପାଳ ସିଂ ଜାଗାରେ ତୁମେ ଥିଲେ କିପରି ତୁମ ବୃଦ୍ଧ ପିତାଙ୍କର ସେବା କରି ଥାଆନ୍ତ ନିଜ ଭାଷାରେ ଲେଖ ।

କିମ୍ବା

'ସୁନା ନେଉଳ' ଏକାଙ୍କିକାରୁ କି ନୀତି ଶିକ୍ଷା ଲାଭ କଲ ଲେଖ । (୧×୫=୫)

***